ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୧ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୬ ତାରିଖ: ୦୩.୦୯.୨୦୨୬

# ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୨୮.୦୮.୨୦୨୬ ରୁ ୦୩.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 30 | 23 | 53.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୪-୦୯-୨୦୨୬ | ୦୫-୦୯-୨୦୨୬ | ୦୬-୦୯-୨୦୨୬ | ୦୭-୦୯-୨୦୨୬ | ୦୮-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 6 | 5 | 5 | 4 | 6 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 31 | 32 | 33 | 33 | 34 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 24 | 25 | 25 |
| ମେଘ ଆବରଣ(ଓକଟା) | 5 | 5 | 4 | 4 | 3 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 91 | 89 | 91 | 91 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 79 | 70 | 68 | 68 | 62 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 13 | 11 | 9 | 9 | 11 |
| ପବନର ଦିଗ (ଡିଗ୍ରୀ) | 222 | 225 | 230 | 241 | 252 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛି ସ୍ଥାନରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୯ ରୁ ୧୩ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

ଚେତାବନୀ: କୌଣସି ଚେତାବନୀ ଦିଆଯାଇ ନାହିଁ

### ସାଧାରଣ ଉପଦେଶ

- ଜମି ଓଦା ଥିବା ସମୟରେ ଜଳସେଚନ, ସାର ପ୍ରୟୋଗ, କୀଟନାଶକ/ଛତ୍ରାକନାଶକ ପ୍ରୟୋଗ ଏବଂ ଅନ୍ତଃଚାଷ କାର୍ଯ୍ୟ କରନ୍ତୁ ନାହିଁ । ଆସନ୍ତା ଦିନରେ ବର୍ଷାର ପରିମାଣରେ କମି ଦେଖାଯିବାର ସମ୍ଭାବନା ଥିବାରୁ, ଚାଷୀମାନେ ଘାସବଛା, ଅନ୍ତଃଚାଷ, ସାର ପ୍ରୟୋଗ ଓ ଫସଲ ସୁରକ୍ଷାମୂଳକ ପଦକ୍ଷେପ ଭଳି କୃଷି କାର୍ଯ୍ୟଗୁଡ଼ିକୁ ପାଗର ଅନୁକୂଳତା ଅନୁସାରେ ଯୋଜନା କରି ସମ୍ପାଦନ କରନ୍ତୁ ।
- ଫସଲରେ କୀଟପତଙ୍ଗ ଆକ୍ରମଣ ଓ ଅଧିକ ଆର୍ଦ୍ରତା ଯୋଗୁଁ ହେଉଥିବା ରୋଗର ନିୟମିତ ନିରୀକ୍ଷଣ କରନ୍ତୁ ଏବଂ ଉପଯୁକ୍ତ ଶୁଷ୍କ ପାଣିପାଗ ସମୟରେ ସୁପାରିଶ କରାଯାଇଥିବା ନିୟନ୍ତ୍ରଣ ପଦକ୍ଷେପ ଅବଲମ୍ବନ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଆସନ୍ତା ସପ୍ତାହରେ ବର୍ଷା କମିବାର ସମ୍ଭାବନା ଥିବାରୁ, ଚାଷୀଭାଇମାନେ ଆବଶ୍ୟକୀୟ କୃଷି କାର୍ଯ୍ୟ ପାଗ ଅନୁକୂଳ ଥିବା ସମୟରେ ଶୁଷ୍କ ପାଗକୁ ଦେଖି କରି ନିଅନ୍ତୁ ।

### ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|

| | | |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଧାନ ଖେତରେ ଘାସ ନିୟନ୍ତ୍ରଣ ପାଇଁ ରୋପଣର ୧୫ ରୁ ୨୦ ଦିନ ପରେ ସଫା ଓ ଶାନ୍ତ ପାଣିପାଗରେ ବିସ୍ପାଇରିବାକ୍ ସୋଡିୟମ୍ ୧୦% ଏସ୍‌ସି @ ୧୨୦ ମି.ଲି./ଏକର କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ରୋପଣର ୨୫ ରୁ ୩୦ ଦିନ ପରେ ଶାନ୍ତ ପାଗରେ ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୧୦% ଇସି @ ୨୪୦ ରୁ ୨୬୦ ମି.ଲି. କୁ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସଫା ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ଧାନ କ୍ଷେତରେ ଲେଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗରେ ପ୍ରତି ହେକ୍ଟର ପିଛା ରାଇନାକ୍ସିପିର ୧୮.୫ ଏସ୍.ସି. @ ୧୫୦ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୨୫୦ ମିଲି କିମ୍ବା ଟେଟ୍ରାନିଲିପ୍ରୋଲ୍ ୧୮.୧୮ ଏସ୍.ସି. @ ୨୫୦ ମିଲିକୁ ସିଂଚନ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ମକା | ଅଙ୍ଗୀୟ ଅବସ୍ଥା | • ବର୍ତ୍ତମାନର ଆର୍ଦ୍ର ପାଗ ମକା ଫସଲରେ ଫଲ୍ ଆର୍ମିୱର୍ମ, କାଣ୍ଡ ବିନ୍ଧା ପୋକ ଏବଂ ପତ୍ରଜନିତ ରୋଗର ଆକ୍ରମଣ ବୃଦ୍ଧି ପାଇଁ ଅନୁକୂଳ ଅଟେ । ତେଣୁ ଏହି ପୋକ ଓ ରୋଗର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।<br>• ବର୍ଷା ବନ୍ଦ ହେବା ଏବଂ ମାଟି ଚାଷ ଉପଯୋଗୀ ହେବା ପରେ ହିଁ ନାଇଟ୍ରୋଜେନ୍ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ଏବଂ ଗଛ ଭାଙ୍ଗି ପଡ଼ିବା (ଲଜିଂ) ରୋକିବା ପାଇଁ ମକା ଗଛର ମୂଳ ପାଖରେ ମାଟି ଚଢ଼ାନ୍ତୁ । |
| କଦଳୀ | ଅଙ୍ଗୀୟ ଅବସ୍ଥା / ଫଳ ଅବସ୍ଥା | • କଦଳୀ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମୂଳର କ୍ଷତି ଓ ପାନାମା ରୋଗକୁ ରୋକିବା ପାଇଁ ଖେତରେ ଜମିଥିବା ପାଣିକୁ ତୁରନ୍ତ ନିଷ୍କାସନ କରନ୍ତୁ ।<br>• ଅଧିକ ଉଚ୍ଚ ଓ କାନ୍ଧି ଧରିଥିବା କଦଳୀ ଗଛଗୁଡ଼ିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଭାଙ୍ଗି/ଉପୁଡ଼ି ନ ପଡୁ ସେଥିପାଇଁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀ ସାହାଯ୍ୟରେ ଗଛଗୁଡ଼ିକୁ ଭରା ଦିଅନ୍ତୁ ।<br>• ବଗିଚାରେ ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖିବା ସହ ଝଡ଼ି ପଡ଼ିଥିବା ଏବଂ ରୋଗାକ୍ରାନ୍ତ ଗଛପତ୍ର ବା ଅବଶେଷଗୁଡ଼ିକୁ ହଟାଇ ଦିଅନ୍ତୁ ।<br>• ଜମି ଅତ୍ୟଧିକ ଓଦା ଥିବା ସମୟରେ ସାର ପ୍ରୟୋଗ ଏବଂ କୀଟନାଶକ କିମ୍ବା କବକନାଶକ ସିଞ୍ଚନ କରନ୍ତୁ ନାହିଁ । |
| କଖାରୁ ଜାତୀୟ ପନିପରିବା ଚାଷ | ଫୁଲ ଓ ଫଳ ଅବସ୍ଥା | • କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ଆବଶ୍ୟକତା ଅନୁଯାୟୀ ମଞ୍ଚା/ ବାଉଁଶ କିମ୍ବା ତାର ଟ୍ରେଲିଜ୍ ବା ଆଶ୍ରୟର ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ଫଳ ଓଦା ମାଟି ସଂସ୍ପର୍ଶରୁ ଦୂରେ ରହିବା ସହିତ ବାୟୁ ଚଳାଚଳ ଭଲ ହେବ ।<br>• ଫଳମାଛିର ଆକ୍ରମଣ ପାଇଁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• ବିଶେଷକରି ଆର୍ଦ୍ର ପାଗରେ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ) ଓ ପତ୍ରଦାଗ ରୋଗ ପାଇଁ ନିୟମିତ ଭାବେ ପତ୍ରର ନିରୀକ୍ଷଣ କରୁଥାନ୍ତୁ ଓ ଅତ୍ୟଧିକ ଆକ୍ରାନ୍ତ ପତ୍ରଗୁଡ଼ିକୁ କାଢ଼ି ନଷ୍ଟ କରିଦିଅନ୍ତୁ । |
| ଟମାଟୋ/ ବିଲାତି ବାଇଗଣ | ଅଙ୍ଗୀୟ ଅବସ୍ଥା/ ଫୁଲ ଓ ଫଳ ଅବସ୍ଥା | • ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ଏବଂ ଜମିରୁ ଜମା ପାଣି ବାହାର କରନ୍ତୁ, ଯାହାଦ୍ୱାରା ମୂଳ ଓ କାଣ୍ଡ ପଚା ରୋଗରୁ ରକ୍ଷା ମିଳିପାରିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଆଗୁଆ ପତ୍ର ଝାଉଁଳା ଓ ପତ୍ର ଦାଗ ରୋଗ ପାଇଁ ନିୟମିତ ନିରୀକ୍ଷଣ କରନ୍ତୁ, ଆକ୍ରାନ୍ତ ପତ୍ର ସଂଗ୍ରହ କରି ନଷ୍ଟ କରନ୍ତୁ ଏବଂ କ୍ଷେତରେ ପରିଷ୍କାରତା ବଜାୟ ରଖନ୍ତୁ।<br>• ଫଳ ବିନ୍ଧା ପୋକ ଓ ପତ୍ର ସୁଡ଼ଙ୍ଗି ପୋକ ଉପରେ ନଜର ରଖନ୍ତୁ, ଆକ୍ରାନ୍ତ ଫଳ ଓ ଡାଳ କାଢ଼ି ନଷ୍ଟ କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଫେରୋମୋନ ଫାଶ ବ୍ୟବହାର କରନ୍ତୁ ।<br>• ଧଳାମାଛି ଓ ପତ୍ର କୁଞ୍ଚନ ଲକ୍ଷଣ ଦେଖାଗଲେ ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରନ୍ତୁ ଏବଂ ବାହକ ପୋକର ନିୟନ୍ତ୍ରଣ କରନ୍ତୁ ।<br>• ପତ୍ର ଦାଗ କିମ୍ବା ଆଗୁଆ ପତ୍ର ଝାଉଁଳା ରୋଗ ପ୍ରକୋପ ଦେଖାଦେଲେ ଗୋଟେ ଲିଟର ପାଣିରେ ୨.୫ ଗ୍ରାମ ମାନକୋଜେବ ୭୫% ଡବ୍ଲୁ.ପି.କୁ ମିଶାଇ ସଫା ପାଗରେ ଖେତରେ ଛିଞ୍ଚନ୍ତୁ । |

| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବାକୁ ପରାମର୍ଶ ଦିଆଯାଉଛି ।<br>• ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ ।<br>• ଅସୁସ୍ଥ ପଶୁମାନଙ୍କୁ ଅନ୍ୟ ପଶୁଙ୍କଠାରୁ ଅଲଗା ରଖି ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । |
|---|---|

| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ବ୍ଲୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।